# Akashvani, Sambalpur

## SAMBALPURI NEWS EVENING BULLETIN

**22 December 2024- 7.02 pm- 7.12 pm.**

**********************************************

୧- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ୭୧ ହଜାର୍‌ନୁ ଅଏତ୍‌କା ଜୁଆନ୍ ପିଲାଟୁକେଲ୍‌କୁ ବାଟଁବେ ପହ ନିଯୁକ୍ତିପତ୍ର ।

୨- ଝାରସୁଗୁଡ଼ା ନ ଇଣ୍ଡଷ୍ଟ୍ରିଆଲ୍ ଟାଉନ୍‌ସିପ୍ ବନାବାର୍ ଲାଗି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ୍ ଦେଲେ ମୁଖ୍ୟମନ୍ତ୍ରୀ ।

୩- ସମ୍ବଲ୍‌ପୁର୍ ପାଣିପାଗ୍ କେନ୍ଦ୍ର ଠାନେ ଡପ୍‌ଲର୍ ରାଡାର୍ ବସାବାର୍ ପ୍ରକ୍ରିୟାର୍ ଶୁଭାରମ୍ଭ୍ କଲେ ରାଜସ୍ୱ ମନ୍ତ୍ରୀ ।

୪- ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବାକାଏଲ୍ ରହେବା ବନ୍ଦ ।

ଆଉର୍

୫- ଲଘୁଚାପ୍‌ର ବଲେ ରାଜ୍ୟର୍ କେତେଟା ଜିଲ୍ଲା ନ ଲାଗି ରହିଛେ ବର୍ଷା ।

ପ୍ରଧାନ୍‌ମନ୍ତ୍ରୀ- ନିଯୁକ୍ତି ପତ୍ର I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍‌ଥି ୭୧ ହଜାର୍‌ନୁ ଅଏତ୍‌କା ନୂଆଁକରି ନିଯୁକ୍ତି ପାଇଥିବା ୟୁଆନ୍ ପିଲା ଟୁକେଲ୍ ମାନ୍‌କୁ ଆଭାସୀ ଜରିଏ ନିଯୁକ୍ତି ପତ୍ର ବାଂଟ୍‌ବେ । ଇତାର୍‌ସହେତେ ପ୍ରଧାନ୍‌ମନ୍ତ୍ରୀ ନବନିଯୁକ୍ତ ମାନ୍‌କୁ ସମ୍ବୋଧନ୍ କର୍‌ବେ । ଦେଶର୍ ୪୫ ଟା ଜାଗା ନ ନିଯୁକ୍ତିମେଳା ହେବା । ନୂଆଁକରି ନିଯୁକ୍ତି ପାଇଥିବା ୟୁଆନ୍ ପିଲାଟୁକେଲ୍‌ମାନେ କେନ୍ଦ୍ର ଗୃହ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବାଗିର୍ ବିଭାଗ୍‌ଥି ନିଯୁକ୍ତି ପାଏବେ ।

ମୁଖ୍ୟମନ୍ତ୍ରୀ- ଦିଲ୍ଲୀ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ବିକଶିତ୍ ଭାରତ୍ ଗଠନ୍ ଦିଗେ ଓଡ଼ିଶା ଗୁଟେ ସମ୍ଭାବନାର୍ ରାଜ୍ୟ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ମୁଖ୍ୟମନ୍ତ୍ରୀ ତାଙ୍କର୍ ଦିଲ୍ଲୀ ଆର୍ ରାଜସ୍ଥାନ୍ ଗସ୍ତର୍ ୪ ନମ୍ବର୍ ଦିନେ ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ଆର୍ ମନ୍ତ୍ରୀମଣ୍ଡଲ୍‌ର ବରିଷ୍ଠ ସଦସ୍ୟମାନ୍‌କୁ ଭେଟିକରି ଭୁବ୍‌ନେଶ୍ୱର୍ ଠାନେ ହେବାର୍‌କେ ଥିବା ପ୍ରବାସୀ ଭାରତୀୟ ଦିବସ୍ ଆର୍ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ଥି ଯୋଗ୍ ଦେବାର୍ ଲାଗି ନିଉତା ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅବ୍‌ସରେ କେନ୍ଦ୍ର ସର୍‌କାର୍‌ଙ୍କର୍ ଠାନେ ଭିନ୍ ଭିନ୍ ପ୍ରସ୍ତାବ୍ ଉପସ୍ଥାପନ୍ କରିଛନ୍ । ରାଏଜେ ଶିଳ୍ପକେ ତହଁକାବାର୍ ଲାଗି ଝାର୍‌ସୁଗୁଡ଼ା ଜିଲ୍ଲା ନ ଇଣ୍ଡଷ୍ଟ୍ରିଆଲ୍ ଟାଉନ୍‌ସିପ୍ ଥାପ୍‌ନା, ସହରୀକରଣ୍ ଲାଗି ନୂଆଁ ରୂପରେଖ ତୟାରି, ଦକ୍ଷିଣ ଆଉ ଆଉ ପଶ୍ଚିମ ଓଡ଼ିଶାର୍ ଅର୍ଥନୈତିକ ଅଭିବୃଦ୍ଧି, ଜଲ୍ ଜୀବନ୍ ମିଶନ୍ ଅଧୀନ୍‌ଥି ପାନୀୟ ଜଳ ଯୋଗାଣ୍ ଲାଗି ଭିନ୍ ଭିନ୍ ପ୍ରକଳ୍ପ ବାଗିର୍ ଭିନ୍ ଭିନ୍ ପ୍ରସ୍ତାବ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ରକେ ଦେଇଛନ୍ ।

ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ....

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ଧର୍ମେନ୍ଦ୍ର ପ୍ରଧାନ ଆର୍‌ଏନ୍‌ୟୁ/କଟକ୍

ଓଡ଼ିଶାକେ ବିକଶିତ୍ ରାଜ୍ୟ ବନାବାର୍ ଲାଗି ଗଣତନ୍ତ୍ରର୍ ୪ ନମ୍ବର୍ ସ୍ତମ୍ଭ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଭୁବ୍‌ନେଶ୍ୱର୍‌ଠାନେ ଆଏଜ୍ ହେଇଥିବା ଓଡ଼ିଶା ସାମ୍ବାଦିକ୍ ୟୁନିୟନ୍‌ର ୫୩ ନମ୍ବର୍ ପ୍ରତିଷ୍ଠା ଦିବସ୍‌ଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ସାମ୍ବାଦିକଙ୍କର୍ ସୁରକ୍ଷା, ସମ୍ମାନ୍ ଲାଗି ରାଜ୍ୟ ସର୍‌କାର୍ ସାମ୍ବାଦିକ୍ ସୁରକ୍ଷା ଅଧିନିୟମ୍ ଆନ୍‌ବେ ।

କାର୍ଯ୍ୟକ୍ରମ୍‌ଥି ପୂର୍ତ, ଆଇନ୍, ଅବକାରୀ ମନ୍ତ୍ରୀ ପୃଥ୍ବୀରାଜ୍ ହରିଚନ୍ଦନ୍, ବିଧାୟକ୍ ବାବୁ ସିଂହ, ଓଡ଼ିଶା ସାମ୍ବାଦିକ ୟୁନିୟନ୍‌ର ରାଜ୍ୟସଭାପତି ପ୍ରସନ୍ନ ମହାନ୍ତିଙ୍କର୍ ସହେତେ ଭିନ୍ ଭିନ୍ ଗଣମାଧ୍ୟମ୍‌ର ପ୍ରତିନିଧିମାନେ ଉପସ୍ଥିତ୍ ଥିଲେ ।

ଡପ୍‌ଲର୍ ରାଡ଼ାର୍          ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଇଲାକା ନ ପାଣିପାଗ୍ ବାବ୍‌ଦେ ଆଗ୍‌ତୁରା ସୂଚ୍‌ନା ଦେବାର୍ ଲାଗି ସହର୍ ପାଖର୍ ୟୁଗିପାଲି ଠାନେ ଆଏଜ୍ ଡପ୍‌ଲର୍ ରାଡ଼ାର୍ ଖଞ୍ଜ୍‌ବାର୍ ପ୍ରକ୍ରିୟାର୍ ମୂଲ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ପ୍ରକ୍ରିୟାର୍ ଶୁଭାରମ୍ଭ କରିଛନ୍ । ଡପ୍‌ଲର୍ ରାଡ଼ାର୍ କାର୍ଯ୍ୟକ୍ଷମ୍ ହେଲେ ୨ ଶହ ୫୦ କିଲୋମିଟର୍ ପରିଧି ଭିତ୍‌ରେ ୧୫ ଟା ଜିଲ୍ଲାର୍ ପାଣିପାଗ୍ ବାବ୍‌ଦେ ଟିକ୍‌ନିକ୍ ସୂଚ୍‌ନା ମିଲିପାର୍‌ବା । ଇତାର୍‌ସହେତେ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ପରିଚାଲନା ଲାଗି ଭିଲ୍ ଡପ୍‌ଲର୍ ରାଡ଼ାର୍ କାମ୍ ଦେବା ବଲି ଶ୍ରୀ ପୂଜାରୀ କହିଛନ୍ ।

ବର୍ଷା କ୍ଷୟକ୍ଷତି ଆକଲନ୍        ସମ୍ବଲ୍‌ପୁର୍ ସମ୍ବାଦଦାତା

ଅଦିନିଆ ବର୍ଷାଥି ହେଇଥିବା ନୁକ୍ସାନ୍‌ର ହିସାବ୍ କରାଯିବା ବଲି ରାଜ୍ୟ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଗଲାକାଏଲ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଥିଲା । ବର୍ଷା ଲାଗି ନୁକ୍ସାନ୍‌ର ହିସାବ୍ ନାଇଁ କରାଯାଇପାରି । ବର୍ଷା ଛାଡ୍‌ଲା ଉତ୍ରୁ ନୁକ୍ସାନ୍ ହିସାବ୍ କରାଯିବା ଆର୍ ସେ ହିସାବେ ଚାଷୀମାନ୍‌କୁ କ୍ଷତିଭର୍‌ନା ଦିଆଯିବା । ମନ୍ତ୍ରୀ ବିଭୂତି ଜେନାଙ୍କୁ ଇତାର୍ ଦାୟିତ୍ୱ ଦିଆଯାଇଛେ ବଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ । ନୁକ୍ସାନ୍ ଯାଂଚ୍ କର୍‌ବାର୍ ଲାଗି ସବୁ ଜିଲ୍ଲାପାଲ୍ ଆର୍ ଆର୍‌ଡିସି ମାନ୍‌କୁ ଦାୟିତ୍ୱ ଦିଆଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍-୨୦୨୪-୨୫ ଲାଗି ୭ ଟା ଭିନ୍ ଭିନ୍ ବର୍ଗଥି ଆବେଦନ୍ ପ୍ରକ୍ରିୟା ଗଲାକାଏଲ୍‌ନୁ ମୁଲ୍ ହେଇଛେ । ଆବେଦନ୍ ପ୍ରକ୍ରିୟା ଆଏବା ଡିସେମ୍ବର୍ ୩୦ ତାରିଖ୍‌ତକ୍ ଚାଲ୍‌ବା ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଜିଲ୍ଲା ଆଉ ବ୍ଲକ୍ ସହେତେ ଶିକ୍ଷା ପ୍ରତିଷ୍ଠାନ୍, ଶିକ୍ଷକ୍, ଅଧିକାରୀ ଆର୍ ଆଂଚଲିକ୍ ସାଧନ୍ କେନ୍ଦ୍ର ସଂଯୋଜକ୍ ପୁରସ୍କାର୍ ଲାଗି ଆବେଦନ୍ କରିପାର୍‌ବେ । msp.odisha.gov.in

ପୋର୍ଟାଲ୍‌ଥି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଲାଗି ଆବେଦନ୍ କରିପାର୍‌ବେ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍ ୫ ଠାନେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ନ ଆଏବା କାଏଲ୍ ହେବାର୍‌କେ ଥିବା ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର ସର୍‌କାରୀ କାର୍ଯ୍ୟସୂଚୀକେ ନଜର୍‌ଥି ରଖିକରି ଇଡାକେ ବନ୍ଦ୍ ରଖାଯାଇଛେ ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଯକ୍ଷ୍ମା- ଦେବ୍‌ଗଡ଼୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଯକ୍ଷ୍ମା ନିରାକରଣ୍ ଅଭିଯାନ୍ ଡିସେମ୍ବର ୭ ତାରିଖ୍‌ନୁ ମୁଲ୍ ହେଇଛେ । ଲୁକ୍‌କୁଁ ଯକ୍ଷ୍ମା ନିରାକରଣ ବାବ୍‌ଦେ ସଚେତନ୍ କର୍‌ବା ଲାଗି ଗୁଟେ ସଚେତନତା ରଥ ଜିଲ୍ଲାର ଭିନ୍ ଭିନ୍ ଜାଗା ବୁଲୁଛେ । ଇଡାର୍ ସହେତେ ଜିଲ୍ଲାର୍ ତ୍ରୁଣମୁଲ ସ୍ତର୍‌ଥି ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ୍ କରି କରି ଚିକିତ୍ସା କର୍‌ବା ଲାଗି ଆଶାକର୍ମୀ ଆର୍ ସ୍ୱାସ୍ଥ୍ୟ କର୍ମୀମାନ୍‌କୁ

ଲଗାଯାଇଛେ । ଜିଲ୍ଲାନେ ଆଏଜ୍‌ତକ୍ ୪ ହଜାର ୮ ଶହ ୩୪ ଝନ୍‌ଙ୍କୁ ପରୀକ୍ଷା କରାଯିବା ଉତ୍‌ରୁ ସେମାନ୍‌କର ଭିତ୍‌ରୁ ୨ଶହ ୪୧ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ୍ କରାଯାଇକରି ସେମାନଙ୍କର୍ ଚିକିତ୍ସା କରାଯାଉଛେ । ଦେବଗଡ଼ ଜିଲ୍ଲାନେ ମୁଲ୍ ହେଇଥିବା ଶହେ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନ ବାବ୍‌ଦେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର୍ ବିଶ୍ୱମୋହନ ମିଶ୍ର କହିଛନ୍,....

(ଭଏସ୍ ଓଭର୍- ଡ. ବିଶ୍ୱମୋହନ ମିଶ୍ର)

ବିଧାୟକ୍ ବିଜୟ ମହାନ୍ତି ପରଲୋକ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍‌ର ଆଘର୍ ବିଧାୟକ୍ ବିଜୟ ମହାନ୍ତିଙ୍କର୍ ପରଲୋକ୍ ହେଇଯାଇଛେ । ମୃତ୍ୟୁ ବେଲ୍‌କେ ତାଙ୍କୁ ୬୦ ବଛର୍ ବୟସ୍ ହେଉଥିଲା । ଶ୍ରୀ ମହାନ୍ତି ୨୦୦୯ ଆର୍ ୨୦୧୪- ୨ ଥର୍ ଲାଗି ଭୁବ୍‌ନେଶ୍ୱର୍ ମଧ୍ୟ ଆସନ୍‌ନୁ ବିଧାୟକ୍ ଭାବେ ନିର୍ବାଚିତ୍ ହେଇଥିଲେ । ଶ୍ରୀ ମହାନ୍ତିଙ୍କର୍ ବିୟୋଗ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଗଭୀର ଶୋକ ପ୍ରକାଶ୍ କରିଛନ୍ ।

ଶହୀଦ୍ କରୁଣାକର୍ ସିଂହ ନାଏକ୍ ଝାର୍‌ସୁଗୁଡ଼ା

ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲାର୍ କୁଲାବିରା ଠାନେ ଶହୀଦ୍ କରୁଣାକର୍ ସିଂହ ନାଏକ୍‌ଙ୍କର୍ ଶହେ ୬୪ ନମ୍ବର୍ ବଲିଦାନ୍ ଦିବସ୍ ହେଇଯାଇଛେ । ଇ ଉଧେ କୁଲାବିରା ଠାନେ ଶହୀଦ୍ କରୁଣାକରଙ୍କର୍ ଗୁଟେ ପ୍ରତିମୂର୍ତି ଥାପ୍‌ନା କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ଆଦିବାସୀ ବିକାଶ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ, ଜିଲ୍ଲାପାଲ୍ ଅବୋଲି ସୁନୀଲ୍ ନର୍‌ୱଣେ, କୁଲାବିରା ଜମିଦାର୍ ବୀର ଅମରେନ୍ଦ୍ର ପ୍ରତାପ୍ ସିଂ ଯୋଗ୍ ଦେଇକରି ପ୍ରତିମୂର୍ତି ଉନ୍ମୋଚନ୍ କରିକରି ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଲି ଦେଇଥିଲେ ।

## କ୍ଷୁଦ୍ର ଶସ୍ୟ ସଂଗ୍ରହ ପ୍ରସ୍ତୁତି        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ କ୍ଷୁଦ୍ର ଶସ୍ୟ ସଂଗ୍ରହର୍ ଲାଗି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲା କୃଷି ବିଭାଗ୍ ତର୍‌ଫୁ ହେଇଯାଇଛେ । ମୁଗ୍, ବିର୍‌ହି, କୁଲୁଥ୍, ମଡ଼ିଆ, କପା ବାଗିର୍ କ୍ଷୁଦ୍ର ଶସ୍ୟର୍ ଠିକ୍ ଦାମ୍ କେନ୍ତାକରି ଚାଷୀମାନେ ପାଇପାର୍‌ବେ ସେ ଉପ୍‌ରେ ବୈଠକ୍‌ଥି ଆଲୋଚନା ହେଇଥିଲା । ବୈଠକ୍‌ଥି କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ୍ ଆର୍ ଭିନ୍ ଭିନ୍ ଅଧିକାରୀ ଯୋଗ୍ ଦେଇଥିଲେ ।

ପାଣି ପଂଚାୟତ୍ ପକ୍ଷ ଆର୍‌ଏନ୍‌ୟୁ
/ସମ୍ବଲପୁର/ନୂଆପଡ଼ା

ସାରା ରାଏଜେ ପାଣି ପଂଚାୟତ୍ ପକ୍ଷ ଆଏଜ୍‌ଠାନୁ ଆଏବା ମାସ ୫ ତାରିଖ୍‌ତକ୍ ପାଲନ୍ ହେଉଛେ । ଇ ଅବ୍‌ସରେ ରାଜ୍ୟ ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍‌ମାନ୍ ହେଇଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସହେତେ ଢେଙ୍କାନାଲ୍, ରାୟଗଡ଼ା, କେନ୍ଦ୍ରାପଡ଼ା ଜିଲ୍ଲା ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଖଡ଼ିଆଲ୍ ଲୋୟର୍ ଇନ୍ଦ୍ର ଜଲ୍‌ସେଚନ୍ ପ୍ରକଳ୍ପ କାର୍ଯ୍ୟାଳୟ ଠାନେ ବିଭାଜନ୍ ସ୍ତରୀୟ ପାଣି ପଂଚାୟତ୍ ପକ୍ଷ ପାଲିତ୍ ହେଇଯାଇଛେ । ଇଥି ମୁଖିଆକୁନୁଆଁ ହିସାବେ ସେନର୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ଯୋଗ୍ ଦେଇକରି ପାନିର୍ ଠିକ୍ ଭାଗ୍‌ବଂଟା ସାଙ୍ଗେ ୭୦ ଟା ପାଣି ପଂଚାୟତ୍‌କେ ସିଧାସଲଖ୍ ସହାୟତା ରାଶି ଦେବାର୍ ଲାଗି ଆହ୍ୱାନ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଇନ ଜନେଇ ଦିଆଯାଇପାରେ ଯେ, ରାଏଜେ ୩୯ ହଜାର୍ ୩ ଶହ ୮୪ ଟା ପାଣି ପଂଚାୟତ୍ ଏଛେନ୍ କାମ୍ କରୁଛେ । ସେନ୍ତା ବଡ଼ ଉଠାଜଲସେଚନ୍ ପ୍ରକଳ୍ପ ପାଣିପଂଚାୟତ୍ ଗଠନ୍ କରାଯାଇଛେ । ମହିଳାମାନ୍‌କୁ ଇ ପାଣିପଂଚାୟତ୍‌ଥି ସାମିଲ୍

କରାଯିବାର୍ ସହେତେ ସମାନ୍ ଅଧିକାର୍ ଦିଆଯାଉଛେ ବଲି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ସୂଚ୍ନା ମିଲିଛେ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ଭାବ୍ ବିନିମୟ କର୍ବେ । ଇଟା ପ୍ରଧାନ୍ମନ୍ତ୍ରୀଙ୍କର୍ ଶହେ ୧୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ସିଧା ପ୍ରସାରଣ୍ କରାଯିବା । ଆକାଶ୍ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ମନ୍ କି ବାତ୍ର ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍ଘାଏ ପ୍ରସାରଣ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଲଘୁଚାପ୍‌ର ବଳେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇଯାଇଛେ । ହେଲେ ଆଏଜ୍‌ଠାନୁ ବର୍ଷା କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ବର୍ଷାର୍ ପ୍ରଭାବ୍‌ଥି ରାତିର୍ ସବୁନୁ କମ୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମ୍‌ବା ବଲି ସୂଚ୍‌ନା ମିଲିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, କେନ୍ଦୁଝର୍, କଲାହାଣ୍ଡି, କନ୍ଧମାଲ୍ ଆର୍ କୋରାପୁଟ୍ ଜିଲ୍ଲା ନ ବହଲିଆ କୁହୁଡ଼ି ହେବା ବଲି ବିଭାଗ୍ ତର୍‌ଫୁ ସତର୍କ କରାଯାଇଛେ ।